# ୨୦୨୦-୨୧ବର୍ଷ ରବି ଋତୁ ନିମନ୍ତେ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

ଅନୁଗୋଳ,ତା. ୦୮.୦୧:- ଅନୁଗୋଳ ଜିଲ୍ଲା କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟରୁମ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଡାଲି ଜାତୀୟ ଫସଲ,ତୈଳବୀଜ ଓ ପନିପରିବା ଚାଷ ପାଇଁ ଚାଷୀମାନଂକୁ ସାର ଓ କୀଟନାଶକ ଔଷଧ ଯୋଗାଇ ଦେବା ସହ ଜଳ ସେଚନ ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ଚାଷ କାର୍ଯ୍ୟରେ ଜୈବିକ ସାର ବ୍ୟବହାର କରିବାକୁ ଚାଷୀମାନଂକୁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ କୃଷି ଅଧିକାରୀ ମାନଂକୁ ପରାମର୍ଶ ଦେଇଥିଲେ । ୨୦୧୯-୨୦ ରବି ଋତୁରେ ୯୬୬୪୪ ହେକ୍ଟର ଜମିରେ ରବି ଚାଷ କରାଯାଇଥିଲାବେଳେ ଚଳିତ ୨୦୨୦-୨୧ ରବି ଋତୁରେ ୯୬୬୯୫ ହେକ୍ଟର ଜମିରେ ରବି ଚାଷ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ. ବସନ୍ତ କୁମାର ସାହୁ ସୂଚନା ଦେଇଥିଲେ । ରବି ଫସଲ ନିମନ୍ତେ ଜଳସେଚନ ଓ ମାଟିର ଆଦ୍ରତାକୁ ଦୃଷ୍ଟିରେ ରଖି ୪୨୫ ହେକ୍ଟର ଜମିରେ ଧାନ ,୨୨ ହେକ୍ଟର ଜମିରେ ଗହମ, ୧୦୮୦ ହେକ୍ଟର ଜମିରେ ମକା,୪୫୦୫୮ ହେକ୍ଟର ଜମିରେ ଡାଲିଜାତୀୟ ଶସ୍ୟ,୨୦୮୫୭ ହେକ୍ଟର ଜମିରେ ତୈଳବୀଜ,୨୯୧୯୭ ହେକ୍ଟର ଜମିରେ ପନିପରିବା, ୫୦୨୬ ହେକ୍ଟର ଜମିରେ ମସାଲା ଜାତୀୟ ଓ ୩୦ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୦୧୯-୨୦ ରବି ଋତୁରେ ୪୧୭୨୩ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇଥିବାବେଳେ ଚଳିତ ଋତୁରେ ୪୨୦୨୩ ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇଛି । ଏହାଛଡା ୧୯୧୦ ମେଟ୍ରିକ୍ ଟନ୍ ସାର ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯାଇଛି । ଗତ ରବି ଋତୁ ପାଇଁ ୨୨୧୨୬.୯୬ ଲକ୍ଷ ଟଂକା କୃଷି ଋଣ ଯୋଗାଇ ଦିଆଯାଇଥିବା ବେଳେ ଚଳିତ ବର୍ଷ ୨୪୫୦୦ ଲକ୍ଷ ଟଂକା କୃଷି ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହାଛଡା ଚଳିତ ରବି ଋତୁ ପାଇଁ ୬୦ଟି ଟ୍ରାକ୍ଟର,୧୮୦ ଟି ପାୱାର ଟିଲର, ୪୩ଟି ପ୍ୟାଡି ରିଗର,୧୫ଟି ଟ୍ରାନସ୍ପ୍ଲାଟର, ୯୭ଟି ରୋଟାରେଟର, ୨୬୫ଟି ପମ୍ପସେଟ୍, ୯୫ ଟି ପାୱାର ଥ୍ରେସର ଯୋଗାଇ ଦିଆଯିବ । କୃଷି ଋଣ ଯେପରି ପ୍ରକୃତ ଚାଷୀମାନେ ପାଆନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀ ବିଶେଷ ଯତ୍ନବାନ ହୋବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଭାଗଚାଷୀଂକୁ ଋଣ ପ୍ରଦାନ ନିମନ୍ତେ ବଳରାମ ଯୋଜନା ,ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା,ଜଳନିଧି,ରାଷ୍ଟ୍ରୀୟ କୃଷି ବିକାଶ ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ କୃଷି ବିଭାଗ ସମେତ ଏହାର ଆନୁସଂଗିକ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL